ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର– ୭୫୧୦୦୩

Dr.T.R. Mohanty
Nodal Officer

**ସପ୍ତାହ –୪୨**




ନ.-୧୦୧୦ (ଓଡିଆ ବୁଲେଟିନ)
ତାରିଖ- ୧୭.୧୦ .୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ଖୋର୍ଦ୍ଧା ଜିଲ୍ଲା (ପୂର୍ବ ଓ ଦକ୍ଷିଣ ପୂର୍ବ ଉପକୂଳବର୍ତୀ ସମତଳ ଅଞ୍ଚଳ)

| ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୧.୧୦.୨୦୨୫ ରୁ ୧୭.୧୦.୨୦୨୫) | | |
|---|---|---|
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ବୃଷ୍ଟିପାତ (ମି. ମି.) |
| 33.1 | 23.1 | 18.7 |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୧୮ . ୧୦. ୨୦୨୫ ରୁ ୨୨ .୧୦ .୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ପାଣିପାଗ କାରକ | ପ୍ରଥମ ଦିନ | ଦ୍ବିତୀୟ ଦିନ | ତୃତୀୟ ଦିନ | ଚତୁର୍ଥ ଦିନ | ପଞ୍ଚମ ଦିନ |
|---|---|---|---|---|---|
| ବୃଷ୍ଟିପାତ &ଆକାଶରସ୍ଥିତି |  ଶୁଖିଲା ପାଗ ଓ ଆକାଶ ମୁଖ୍ୟତଃ ପରିଷ୍କାର |  ଅତି ସ୍ୱଳ୍ପ ବର୍ଷା ଓ ଆକାଶ ଆଂଶିକ ମେଘୁଆ |  ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ |  ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ |  ସ୍ୱଳ୍ପ ବର୍ଷା ଓ ଆକାଶ ମୁଖ୍ୟତଃ ପରିଷ୍କାର |
| ସର୍ବାଧିକତାପମାତ୍ରା(°C) | 33 | 33 | 33 | 33 | 32 |
| ସର୍ବନିମ୍ନତାପମାତ୍ରା(°C) | 22 | 22 | 22 | 22 | 21 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା(%) | 88 | 93 | 93 | 95 | 93 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା(%) | 51 | 60 | 59 | 61 | 59 |
| ପବନରବେଗ (କି.ମି./ଘ.) | 6 | 6 | 5 | 6 | 6 |
| ପବନରଦିଗ | 346 | 353 | 356 | 353 | 357 |

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲାରେ ଆଗାମୀ ଶନିବାର ଦିନ ପାଗ ଶୁଖିଲା ଓ ଅନ୍ୟ ଦିନ ମାନଙ୍କରେ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷ୍କାର ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ପବନର ବେଗ ହାରାହାରି ୦୫-୦୬ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୨ ରୁ ୩୩ ଡିଗ୍ରୀ ସେଲସିଅସ ଓ ୨୧ -୨୨ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ କୃଷି ସୂଚନା

- ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଖୋର୍ଦ୍ଧା ଜିଲ୍ଲାରେ ଆଗାମୀ ଶନିବାର ଦିନ ପାଗ ଶୁଖିଲା ଓ ଅନ୍ୟ ଦିନ ମାନଙ୍କରେ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି ।
- ଧାନ ଖେତରେ ମୂଳ ଶଢା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ Metalaxyl ଓ Mancozeb ର ମିଳିତ ଫିମ୍ପିନାଶକ କିମ୍ବା ୪୦୦-ଗ୍ରାମ Carbendazim ଓ Mancozeb ର ମିଳିତ ଫିମ୍ପିନାଶକ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।
- ଅମଳ ଉପଯୋଗୀ ଫସଲ ଯଥା ପନିପରିବା ଏବଂ ଶସ୍ୟ ଜାତୀୟ ଫସଲ କୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ ।
- ପଶୁମାନଙ୍କୁ କୃମିନାଶକ ଔଷଧ ଖୁଆଇବାକୁ ଏବଂ ଫାଟୁଆ ଓ ବ୍ରୁସେଲୋସିସ୍ ରୋଗ ପାଇଁ ଟୀକାକରଣ କରିବାକୁ ପରାମର୍ଶ ଦିଆଯାଇଅଛି।
- ପନିପରିବା ଚାରା ଉପରବେଳା ମୁଖ୍ୟ ଜମିରେ ରୋପଣ କରନ୍ତୁ ।
- ବର୍ତମାନ ଫୁଲକୋବି, ବନ୍ଧାକୋବି, ମୂଳା ଓ ଗାଜର ଆଦି ଫସଲ ର ଜମି ପ୍ରସ୍ତୁତି ଓ ବୁଣାବୁଣି କାର୍ଯ୍ୟ ଆରମ୍ଭ କରିବାର ଉପଯୁକ୍ତ ସମୟ।
- ବର୍ତମାନ ପାଗରେ ଫସଲରେ ଉଇ ଲାଗିବାର ସମ୍ଭାବନା ରହିଛି । ଫସଲ କୁ ଉଇ ଦାଉରୁ ରକ୍ଷା କରିବା ପାଇଁ ପ୍ରତି ଏକ ଲିଟର ପାଣିରେ ୪ ମିଲିଗ୍ରାମ କ୍ଲୋରୋପାଇରିଫୋସ ୨୦ ଇ .ସି କୁ ମିଶ୍ରଣ କରି ଜମିରେ ସ୍ପ୍ରେ କରନ୍ତୁ ।
- ପାଣିପାଗର ପୂର୍ବାନୁମାନ ଅନୁସାରେ, ଆଗାମୀ ସୋମବାର ଓ ମଙ୍ଗଳବାର ଦିନ ଖୋର୍ଦ୍ଧା ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ପବନର ବେଗ ୩୦-୪୦ କି.ମି. ପ୍ରତି ଘଣ୍ଟା ରହିବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରଧ୍ୱନି ଶୁଣିବା ପରେ, ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁ ଯିବାକୁ ଓ ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନ ନେବାକୁ ପରାମର୍ଶ ଦିଆଯାଉଅଛି ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | ଫୁଲ ବାହାରିବା ଅବସ୍ଥା ଠାରୁ କ୍ଷୀର ଢୋକିବା ଅବସ୍ଥା | ❖ <u>ସାଆାରା ରୋଗ</u><br>ଧାନ ବିଲରେ ବର୍ତମାନ ସାଆାରା ରୋଗ ଦେଖା ଗଲେ, ୨୦୦ ଲିଟର ପାଣିରେ ହେକ୍ସାକୋନାଜୋଲ (Hexaconazole) ବା ପ୍ରୋପିକୋନାଜୋଲ (Propiconazole)@ ୧୦୦ ମିଲି କିମ୍ବା କପର ଅକ୍ସିକ୍ଲୋରାଇଡ (Copperoxychloride) @୨୫୦ ଗ୍ରା ପ୍ରତି ଏକର ସିଞ୍ଚନ କରନ୍ତୁ।<br>❖ <u>ଗଳା ମହିଷା ରୋଗ</u><br>ଧାନ ଫସଲରେ ଗଳା ମହିଷା ରୋଗ ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦- ମିଲି Azoxystrobin ଓ Difenoconazole ର ମିଳିତ ଫିମ୍ପିନାଶକ କିମ୍ବା ୮୦- ଗ୍ରାମ Tebuconazole ଓ Trifloxystrobin ର ମିଳିତ ଫିମ୍ପିନାଶକ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ମୁଗ ଏବଂ ବିରି | ଫଳ ବାହାରିବା ଅବସ୍ଥା/ ଅମଳ ଅବସ୍ଥା | ❖ <u>ଛୁଇଂବିନ୍ଧା ପୋକ</u><br>ମୁଗ ଏବଂ ବିରି ଫସଲରେ ବର୍ତମାନ ସମୟରେ ଛୁଇଂବିନ୍ଧା ପୋକ ଲାଗିବାର ସମ୍ଭାବନା ରହିଛି । ମୁଗ ଏବଂ ବିରି ଫସଲ ରେ ଏହି ପୋକ ର ପରିଚାଳନା ପାଇଁ ୮୦-ଗ୍ରାମ ଏମାମେକଟୀନ ବେଞ୍ଜୋଏଟ (Emamectin Benzoate) କିମ୍ବା ୮୦-ମି.ଲି କ୍ଲୋରାନଟ୍ରାନିଲିପ୍ରୋଲ (Chlorantraniliprole) କମିବା ୪୦୦-ମି.ଲି ପ୍ରୋଫେନୋଫସ (Profenophos), ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ଆଖୁ | ବିଶେଷ ଅଭିବୃଦ୍ଧି ଅବସ୍ଥା | ❖ ଏହି ପାଗରେ ଆଖୁ ଫସଲରେ ଜାହାଜ ପୋକ ଓ ଦହିଆ କୀଟ ଆକ୍ରମଣ ଅଧିକ ଦେଖାଯାଇଥାଏ । ପ୍ରାଥମିକ ଅବସ୍ଥାରେ ପରିଚାଳନା ପାଇଁ Epiricaniamelanoleuca ନାମକ ପରାଶ୍ରୟୀ କୀଟର ୨ ଲକ୍ଷ ଅଣ୍ଡା କିମ୍ବା ୨୦୦୦ ପ୍ୟୁପା ବା ଖୋସା ସଂଗ୍ରହ କରି ଏକର ପିଛା ଆକ୍ରାନ୍ତ କ୍ଷେତରେ ଛାଡନ୍ତୁ । ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦ ମିଲି Imidacloprid 17.8% SL କିମ୍ବା ୪୦ ଗ୍ରାମ Thiamethoxam 25% WG,୨୦୦ଲିଟରପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ପିଆଜ | ବିହନ ଲଗାଇବା ପୂର୍ବ ଅବସ୍ଥା | ❖ ତଳି ପଟାଳିରେ ବିହନ ଲଗାଇବା ପୂର୍ବରୁ ଏକ କିଲୋଗ୍ରାମ ବିହନ ରେ ୨ଗ୍ରାମ-Carbendazim ନାମକ ଫିମ୍ପିନାଶକ କିମ୍ବା ୩ଗ୍ରାମ Carboxin ଓ Thiram ର ମିଳିତ ଫିମ୍ପିନାଶକ ବିହନ ରେ ଗୋଳାଇ ବିଶୋଧନ କରନ୍ତୁ । ପିଆଜ ତଳି ୮ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାଯାଏ। |
| କଦଳୀ | ଫଳ ଅମଳ / ଅବସ୍ଥା | ❖ ଫଳ ମାଛି କୁ ନିୟନ୍ତ୍ରଣ କରିବାକୁ ହେଲେ, ମାଲାଥିୟନ (Malathion)@ 1 ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>❖ ପାଉଁଶିଆ ରୋଗ କୁ ନିୟନ୍ତ୍ରଣ କରିବାକୁ ହେଲେ, ଡିନୋକେପ (Dinocap)@ ୧ ml/lt କିମ୍ବା କାରବେନଦାଜିମ (Carbendazim)@୧ g/lt ସିଞ୍ଚନ କରନ୍ତୁ। |

| | | |
|---|---|---|
| ବାଇଗଣ | ଫୁଲଫଳ/ / ଅମଳଅବସ୍ଥା | ❖ ଗଛ ଝାଉଂଳା ଦେଖା ଗଲେ, ଗଛଟିକୁ ଓପାଡି ଦୂରରେ ପକେଇ ଦିଅନ୍ତୁ।<br>❖ ବାଇଗଣରେ ଫଳ ପଚା ରୋଗ କୁ ନିୟନ୍ତ୍ରଣ କରିବା ପାଇଁ ହେଲେ, ଏକର କୁ 200 ଲିଟର ପାଣିରେ ମେଟାଲକ୍ଷ୍ୟଲ+ ମଙ୍କୋଜେବ (Metalaxyl +Mancozeb)400 g କିମ୍ବା Zineb 75% ଡବ୍ଲୁ. ପି. 500 g ସିଞ୍ଚନ କରନ୍ତୁ। |
| କଦଳୀ | ଫଳ ଧରିବା ଅବସ୍ଥା | ❖ <u>ସିଗାଟୋକା ରୋଗ:</u> ପତ୍ରରେ ସିଗାଟୋକା ରୋଗର ଲକ୍ଷଣ କିମ୍ବା କଦଳୀର ଅଗ୍ର ଭାଗ ସଢି ଯାଉଥିଲେ ଦେଖାଦେଲେ ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୩ ଗ୍ରାମ ମାଙ୍କୋଜେବ ୭୫% ଡବ୍ଲୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ। |
| ପିଜୁଳି | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଗଛରେ ଅଧିକା ଶାଖା ଆଣିବା ପାଇଁ ଗଛର ଗୋଟେ ଦୁଇଟି ଡାଳ/ ଶାଖା କୁ ଦୌଡା ମାଧ୍ୟମରେ ନୂଆଇଙ୍କି ବାନ୍ଧି ଦିଅନ୍ତୁ।<br>❖ ପାଉଁଶିଆ ରୋଗ ର ପରିଚାଳନା ହେତୁ ସଲଫର ପାଉଡର ୨-୩ ଗ୍ରା ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ। |
| ପଶୁ ସମ୍ପଦ: | ❖ <u>ମେଣ୍ଢା ଓ ଛେଳିମାନଙ୍କର ଯକୃତ କୃମି ରୋଗ</u><br>ଏହି କୃମି ମାନେ ସେମାନଙ୍କର କଲିଜା ରେ ବାସ କରନ୍ତି ଓ କଲିଜା କୁ ଖାଇ ନଷ୍ଟ କରିଦିଅନ୍ତି । ଚାରି ରୁ ବାର ମାସ ର ପ୍ରାଣୀମାନେ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥାନ୍ତି। ଝାଡା ପରୀକ୍ଷା ଦ୍ୱାରା ଏହି ରୋଗ ଚିହ୍ନଟ କରାଯାଏ। oxyclosanide, Triclabendazole ଏବଂ closantel ଆଦି ଔଷଧ ବ୍ୟବହାର କରି ଏହି କୃମିକୁ ନାଶ କରାଯାଇଥାଏ। | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧ୍ୟକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେଅଧିକଲାଭବାନହେବାପାଇଁଓୟୁଏଟିକଳିଙ୍ଗଉତ୍ପାଦ (ତାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)